## ସହଯୋଗ ପାଇଁ ପରାମର୍ଶ ଦେଲେ ଜିଲା ଦୌରାଜଜ୍

**ପୁରୀ ଅଫିସ:** ପୁରୀକୁ ସ୍ୱଚ୍ଛ ଐତିହ୍ୟ ଧାମ ଭାବେ ଗଢିତୋଳିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ୨୦୨୧ ସ୍ୱଚ୍ଛ ସର୍ବେକ୍ଷଣରେ ପୁରୀ ଯେପରି ୧ ନମ୍ବର ସ୍ଥାନରେ ରହିବ ସେଥିପାଇଁ ସହରବାସୀଙ୍କୁ ସଚେତନ କରିବା ଲାଗି ଚାଲିଛି ମୋ ଧାମ, ମୋ ଗର୍ବ ଅଭିଯାନ। ସହରର ପ୍ରତ୍ୟେକ ଗଳିକନ୍ଦିକୁ ସଫେଇ ସହ ପେଣ୍ଟିଂ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ଗୁରୁବାର ଜିଲା ଜଜ୍ କୋର୍ଟ ପରିସରରେ ଜିଲା ଦୌରାଜଜ୍ ବିଦ୍ୟୁତ୍ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଦୌରାଜଜ୍ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ଅଭିଯାନରେ ସାମିଲ ହୋଇ ଏହାକୁ ସହଯୋଗ କରିବା ଲାଗି ପରାମର୍ଶ ଦେଇଥିଲେ।

**ସଂକ୍ଷେପରେ**

### ଟ୍ରେନ୍‌ରୁ ପଡ଼ି ମହିଳାଙ୍କ ମୃତ୍ୟୁ

**ବାରଙ୍ଗ,୫।୧୧(ଡି.ଏନ୍.ଏ.):** ବାରଙ୍ଗ ଶ୍ରୀବନ୍ତପୁର ଗ୍ରାମମୁଣ୍ଡ ନିକଟରେ ଟ୍ରେନରୁ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜିଆର୍‌ପି କହିଛି। ମୃତକ ହେଲେ ବିରମହାରାଜପୁର ଥାନା ଅଧୀନ ବାଗବର ଗ୍ରାମର ଜଗନା ପ୍ରଧାନ। ପୋଲିସ ଗୁରୁବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଶ୍ରୀବନ୍ତପୁର ଗ୍ରାମ ମୁଣ୍ଡ ନିକଟ ରେଳ ଧାରଣାକଡ଼ରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ମହିଳା ଜଣକ ଭୁବନେଶ୍ୱରରେ ଜଙ୍ଗଲ ବିଭାଗର ଜଣେ ଅଧିକାରୀଙ୍କ ଘରେ କାମ କରୁଥିଲେ। କିନ୍ତୁ ଗତ କିଛି ଦିନ ହେବ ବିହାରରେ ରହୁଥିବା ଏହି ଅଧିକାରୀଙ୍କ ଝିଅ ଜ୍ୱାଇଁଙ୍କ ପାଖରେ ରହି କାମ କରୁଥିଲେ। ଜଗନା, ଝିଅଜ୍ୱାଇଁ ଓ ଅନ୍ୟ ଦୁଇଜଣ ସଦସ୍ୟଙ୍କ ସହ ପାଟଣା -ପୁରୀ ଏକ୍ସପ୍ରେସ୍‌ର ଏସି ବଗିରେ ବିହାରରୁ ଭୁବନେଶ୍ୱର ଫେରୁଥିଲେ। ବୁଧବାର ରାତିରେ ଏହି ଏକ୍ସପ୍ରେସଟି ବାରଙ୍ଗ ଅତିକ୍ରମ କରିବା ପୂର୍ବରୁ ଶ୍ରୀବନ୍ତପୁର ଗ୍ରାମ ନିକଟରେ ଫାଟକ ପାଖରେ ଛିଡ଼ାହୋଇ ଥିବାବେଳେ ଜଗନ ଖସିପଡ଼ିଥିଲେ।

### ଜଳିଗଲା ୮ ବଖରା

**ନିମାପଡ଼ା,୫।୧୧(ଡି.ଏନ୍.ଏ.):** ନିମାପଡ଼ା ବ୍ଲକ ଅନ୍ତର୍ଗତ ଶାଇଁସଶାସନ ପଞ୍ଚାୟତର ତୋରିଆବନ୍ଧ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ନିଆଁଲାଗି ୮ବଖରା ଜଳିଯାଇଛି। ଏଥିରେ ଲକ୍ଷ୍ମୀଧର ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁ, ଶ୍ରୀଧର ସ୍ୱାଇଁ, ଜଳନ୍ଧର ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ ପୂର୍ଣ୍ଣଚନ୍ଦ୍ର ସାହୁ, ନରେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ଘର ଓ ବିଭିନ୍ନ ଆସବାବପତ୍ର ଜଳିଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଚୁଲି ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମିଶ୍ର ଦାବି କରିଛନ୍ତି।

### ଧରାପଡ଼ିଲେ ୮ ଛଦ୍ମବେଶୀ ଆତଙ୍କବାଦୀ

**ଚନ୍ଦ୍ରଭାଗାରେ ସମରାଭ୍ୟାସ**

**କୋଣାର୍କ,୫।୧୧(ଡି.ଏନ୍.ଏ.):** ୮ଜଣ ଛଦ୍ମବେଶୀ ଆତଙ୍କବାଦୀ ସମୁଦ୍ର ପଥରେ ଆସି ସୂର୍ଯ୍ୟମନ୍ଦିରରେ ପ୍ରବେଶ କରି ଆତଙ୍କ ସୃଷ୍ଟି କରିବା ପୂର୍ବରୁ ଚନ୍ଦ୍ରଭାଗା ନୋଳିଆ ବସ୍ତି ନିକଟରୁ ଧରାପଡ଼ିଛନ୍ତି। ଗୁରୁବାର ଚନ୍ଦ୍ରଭାଗା ନିକଟ ନୋଳିଆ ବସ୍ତିରେ ଏକ ବୋଟ ଲାଗିଥିଲା। ସେଥିରେ ୮ଜଣ ଅଚିହ୍ନା ଯୁବକ ଥିଲେ। ପୂର୍ବରୁ ଜଗି ରହିଥିବା ମେରାଇନ ପୋଲିସ ଓ ଟୁରିଷ୍ଟ ପୋଲିସ ଟିମ ସେମାନଙ୍କୁ ଧରିଥିଲେ। ସେମାନଙ୍କଠାରୁ ପରିଚୟ ପତ୍ର ଏବଂ ୨ଟି ନକଲି ବୋମା ମିଳିଥିଲା। ଏହା ଥିଲା ଚନ୍ଦ୍ରଭାଗାରେ ସମରାଭ୍ୟାସ ସାଗର କବଚ। ନାଭାଲା, ଓଡ଼ିଶା ପୋଲିସ ମିଳିତ ସମରାଭ୍ୟାସ ସାଗର କବଚରେ ନାଭାଲ ଟିମ ରେଡ ଫୋର୍ସ ଓ ଓଡ଼ିଶା ପୋଲିସ ବ୍ଲୁ ଫୋର୍ସ ନାମରେ ନାମିତ ହୋଇଥିଲେ। ନାଭାଲା ଟିମର ସତେନ୍ଦ୍ର ଖୁସମା, ସନ୍ଦୀପ ଚୌହାନ, ସୁନୀଲ ଖୁସ୍‌ମା, ହିରା ସିଂ, କେଏଚ ଖୁଣ୍ଟିଆ। ଓଡ୍ରାଫ ଟିମର ଶିବ ପ୍ରସାଦ ପୁହାଣ, ଜିତେନ୍ଦ୍ର ସାହୁ ସମରାଭ୍ୟାସରେ ଥିଲେ।

### ଜେଲ ଗଲେ ଅଭିଯୁକ୍ତ

**ନିମାପଡ଼ା,୫।୧୧(ଡି.ଏନ୍.ଏ.):** ନିମାପଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ସେ ହେଲେ ଗଞ୍ଜାମ ଜିଲା ସଦର ଥାନା ଅଧୀନ ଗୋଠବନ୍ଧ ଗ୍ରାମର ସୁଶାନ୍ତ ଭୂୟାଁ। ଗତ ୨୫ତାରିଖରେ ନାବାଳିକାଙ୍କୁ ସୁଶାନ୍ତ ଅପହରଣ କରିଥିଲେ। ନାବାଳିକାଙ୍କ ବାପା ୨୬ତାରିଖରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୩୬/୨୦ରେ ମାମଲା ରୁଜୁ କରିଥିଲା।

### ସ'ମିଲ୍‌ରେ ଭିଜିଲାନ୍ସ ଚଢ଼ାଉ

**ବାଲକାଟୀ,୫।୧୧(ଡି.ଏନ୍.ଏ.):** ବାଲିପାଟଣା ବନ ବିଭାଗ ରେଞ୍ଜ ଅଧୀନ ପିପିଲି ଅଞ୍ଚଳରେ ବେଆଇନ ଚାଲୁଥିବା ୨ଟି ସ'ମିଲ ଓ ଏକ ଫର୍ଣ୍ଣିଚର କାରଖାନା ଉପରେ ଭୁବନେଶ୍ୱର ଭିଜିଲାନ୍ସ ଟିମ ଗୁରୁବାର ଚଢ଼ାଉ କରିଛି। ଏଥିରୁ ଲକ୍ଷାଧିକ ଟଙ୍କାର ବିଭିନ୍ନ ଯନ୍ତାଂଶ ଓ କାଠକୁ ଜବତ କରାଯାଇଛି। ଏ ନେଇ ବନ ବିଭାଗ ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି।

# ବୃକ୍ଷ ପ୍ରେମରେ ଛାତ୍ର, ଅଧ୍ୟାପକ

**ଖୋର୍ଦ୍ଧା ଅଫିସ,୫।୧୧**

କରୋନା ମହାମାରୀ ଯୋଗୁ ଦୀର୍ଘ ୮ମାସ ଧରି ରାଜ୍ୟର ସମସ୍ତ ସ୍କୁଲ, କଲେଜରେ ପାଠପଢ଼ା ବନ୍ଦ ରହିଛି। କରୋନା ମୁକାବିଲା ଲାଗି ସାମୂହିକ କାର୍ଯ୍ୟ ଉପରେ କଟକଣା ଲଗାଯିବା ସହ ବିନା କାରଣରେ ଘରୁ ନ ବାହାରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ଏହି ସମୟରେ କଲେଜ ପରିସରରେ ଲଗାଯାଇଥିବା ଫୁଲ ଏବଂ ଔଷଧୀୟ ଗଛର ଯତ୍ନ ନେଉଛନ୍ତି ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗୀୟ ମୁଖ୍ୟ ପ୍ରଫେସର ମନୋଜ ରାଉତ ଏବଂ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ବିଶ୍ୱରଞ୍ଜନ ପ୍ରଧାନ। ଉଭୟଙ୍କ ଏହି କାର୍ଯ୍ୟକୁ କଲେଜ ଅଧ୍ୟକ୍ଷ, ପ୍ରଫେସର, ଅଧ୍ୟାପକ ଏବଂ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, କରୋନା ଯୋଗୁ ଗତ ମାର୍ଚ୍ଚ ମାସରେ ସରକାର କଲେଜ ବନ୍ଦ ଲାଗି ଘୋଷଣା କରିବା ପରେ କ୍ୟାମ୍ପସ ପରିସରରେ ରହିଥିବା ଗଛର କିପରି ଯତ୍ନ ନିଆଯିବ, ସେନେଇ ପ୍ରଫେସର ରାଉତ ଚିନ୍ତାରେ ପଡିଯାଇଥିଲେ। ଏ ଟ୍ରି ନିଡ୍‌ସ ମାଇଣ୍ଡ ନଟ୍ ମନି(ଗୋଟିଏ ବୃକ୍ଷ ମନ ଚାହେଁ ଅର୍ଥ ନୁହେଁ) ପ୍ରଫେସର ରାଉତଙ୍କ ଏହି ଆହ୍ୱାନକୁ ନୟାଗଡ଼ ଜିଲା ଚମ୍ପାଗଡ଼ ପଞ୍ଚାୟତ ଶ୍ରୀକୃଷ୍ଣପୁର ନିବାସୀ ଛାତ୍ର ବିଶ୍ୱରଞ୍ଜନ ଚାଲେଞ୍ଜ ଭାବେ ଗ୍ରହଣ କରିଥିଲେ। ପରେ ଘର ଭଡ଼ା ନେଇ କ୍ୟାମ୍ପସରେ ଲାଗିଥିବା ଗଛଗୁଡିକର ଯତ୍ନ ନେଉଛନ୍ତି। ପାଖରେ ସ୍ୱଳ୍ପ ଟଙ୍କା ଥିଲେ ମଧ୍ୟ କ୍ୟାମ୍ପସରେ ସବୁଜ ବଳୟ ଲାଗି ଅଣ୍ଟା ଭିଡିଛନ୍ତି। ସକାଳ ଏବଂ ସନ୍ଧ୍ୟାରେ ଗଛରେ ପାଣି ଦେବା ସହ, ଅନାବନା ଗଛ, ଘାସ ଓପାଡୁଛନ୍ତି। କ୍ୟାମ୍ପସକୁ ଏକ ସୁନ୍ଦର ସବୁଜ ପରିବେଶ ସୃଷ୍ଟି କରିଛନ୍ତି। ଏଥିସହିତ କ୍ୟାମ୍ପସ ଆଗରେ ବୁଲୁଥିବା ଗୋରୁ ଓ ବୁଲା କୁକୁରଙ୍କ ସେବା କରିବାକୁ ମଧ୍ୟ ସେ ଭୁଲି ନାହାନ୍ତି। ତାଙ୍କ ସେବା ଲାଗି ପ୍ରଫେସର ରାଉତ ମଧ୍ୟ ଆଗେଇ ଆସିଛନ୍ତି। କରୋନା ସମୟରେ ଉଭୟ ଗଛଗୁଡିକ ଯତ୍ନ ନେଉଛନ୍ତି। ଘଣ୍ଟା ଘଣ୍ଟା ଧରି ବଗିଚାରେ ସମୟ ଅତିବାହିତ କରୁଛନ୍ତି। ପରିବେଶ ସୁରକ୍ଷା ଲାଗି ବିଶ୍ୱରଞ୍ଜନ ଏବଂ ପ୍ରଫେସର ରାଉତ ଯୁବ ସମାଜ ଲାଗି ପ୍ରେରଣାର ଉତ୍ସ ପାଲଟିଛନ୍ତି।



କଲେଜ କ୍ୟାମ୍ପସ୍‌ରେ ପ୍ରଫେସର ମନୋଜ ରାଉତ ଓ ଛାତ୍ର ବିଶ୍ୱରଞ୍ଜନ ପ୍ରଧାନ।

## ଶ୍ରମିକଙ୍କୁ ଗଳାକାଟି ହତ୍ୟା

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ବାଣୀବିହାର କ୍ୟାମ୍ପସରେ ଗୁରୁବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଗତ ୨ମାସ ଧରି ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏକ ନିର୍ମାଣାଧୀନ କୋଠାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ମୟୂରଭଞ୍ଜ ଉଦଳାର ବୁଦ୍ଧୁରାମ୍ ସିଂ(୫୦) ନାମକ ଜଣେ ବ୍ୟକ୍ତିଙ୍କୁ ତାଙ୍କର ଜଣେ ସହଯୋଗୀ ଗଳାକାଟି ହତ୍ୟା କରିଛନ୍ତି। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ଶହୀଦନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁସାରେ ବାଣୀବିହାର ଜିଜିପି ଗେଟ୍ ନିକଟରେ ଥିବା ଏକ କୋଠା ନିର୍ମାଣ କାର୍ଯ୍ୟରେ ବୁଦ୍ଧୁରାମ୍‌ଙ୍କ ସମେତ ୧୦ରୁ ୧୨ଜଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ରାତି ପ୍ରାୟ ୧୦ ରୁ ସାଢ଼େ ୧୦ଟା ମଧ୍ୟରେ ବୁଦ୍ଧୁରାମ୍ ଅନ୍ୟ ସହଯୋଗୀଙ୍କ ସହ ଖାଉଥିବାବେଳେ କୌଣସି କାରଣରୁ ଜଣଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସହଯୋଗୀ ଜଣକ ଏକ ଛୁରିରେ ବୁଦ୍ଧୁରାମ୍‌ଙ୍କ ଗଳାକାଟି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହୋଇ ବୁଦ୍ଧୁରାମ୍ ଛଟପଟ ହେଉଥିବା ଦେଖି ସେଠାରେ ଉପସ୍ଥିତ ଅନ୍ୟମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ୧୦୮ ଆମ୍ବୁଲାନ୍ସରେ ବୁଦ୍ଧୁରାମ୍‌ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଏସ୍‌ସିବିରେ ଆଇଭରମେକ୍ଟିନ୍ ଟାବ୍‌ଲେଟ ଅଭାବ

**କଟକ ଅଫିସ,୫।୧୧:** କରୋନା ଚିକିତ୍ସାରେ ଆଇଭରମେକ୍ଟିନ ଟାବ୍‌ଲେଟ ଲାଭପ୍ରଦ ହେଉଥିବା ଜଣାପଡ଼ିବାପରେ ଏସ୍‌ସିବିରେ ଏହାର ଘୋର୍ ଅଭାବ ଦେଖାଦେଇଛି। ମିଳିଥିବା ସୂଚନାନୁସାରେ, ରାଜ୍ୟ ସରକାରଙ୍କ ଔଷଧ ନିଗମ ଏହାର ଯୋଗାଣ ବନ୍ଦ କରିଦେଇଥିବାରୁ ଅତି ଜରୁରୀ କ୍ଷେତ୍ରରେ ହସ୍ପିଟାଲ କର୍ତ୍ତୃପକ୍ଷ ସ୍ଥାନୀୟ ବଜାରରୁ ଆଣି କାମ ଚଳାଉଛନ୍ତି। ଏହା ଅନ୍ୟ ଚିକିତ୍ସାରେ ଆବଶ୍ୟକ ହେଉଥିବାରୁ ଏବେ ରୋଗୀଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି।

## ସ୍ମାର୍ଟସିଟି ରାସ୍ତାରେ ବାଲି ଡିପୋ, ବିଏମ୍‌ସି ଚୁପ୍

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**





ସ୍ମାର୍ଟସିଟି ଭୁବନେଶ୍ୱରରେ ଯଦି କେହି ଘର ତିଆରିବେଳେ ରାସ୍ତା ଉପରେ ସାମୟିକ ଭାବେ କିଛି ସାମଗ୍ରୀ ରଖି ଦେଉଛି ବିଏମ୍‌ସି ଜରିମାନା ଆଦାୟ କରୁଛି। ହେଲେ ସହରର ବିଭିନ୍ନ ରାସ୍ତାକୁ ଜବରଦଖଲ କରାଯାଇ ବାଲି, ଗୋଡ଼ି ଡିପୋ ବର୍ଷ ବର୍ଷ ଧରି ଚାଲିଥିଲେ ମଧ୍ୟ ବିଏମ୍‌ସି ଆଖିକୁ ଦିଶୁନି। ରାଜଧାନୀର କେନ୍ଦ୍ରସ୍ଥଳ ୟୁନିଟ-୪ ଅଞ୍ଚଳ ତଥା ୱାର୍ଡ ନଂ.୩୬ର ପ୍ରମୁଖ ଅଞ୍ଚଳ ମଧୁସୂଦନ ନଗର, ଭୌମନଗର, ଓଲ୍ଡ ଏଜି କଲୋନୀ, ଏମ୍‌ଏଲ୍‌ଏ କଲୋନୀ, ଲୋକସେବା ଭବନ ପଛ ରାସ୍ତା, କମିଶନରେଟ ପୋଲିସ ସେବା ଭବନ, ୯ ତାଲା ଅଞ୍ଚଳ ସହିତ ନିକୋ ପାର୍କ, ରବୀନ୍ଦ୍ର ମଣ୍ଡପ ଓ କର କ୍ଲିନିକ୍ ସଂଲଗ୍ନ ପ୍ରମୁଖ ରାସ୍ତା ଧୀରେ ଧୀରେ କେତେଜଣ ଦଲାଲ ଓ ମୁଷ୍ଟିମେୟ ଲୋକଙ୍କ କବ୍‌ଜାକୁ ଚାଲିଯାଉଛି। ସେମାନେ ବାଲି, ଗୋଡ଼ିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ବେପାର ଚଳାଇଛନ୍ତି। ଏଥିସହ ବେଆଇନ ଭାବେ ଟ୍ରକ୍, ଟ୍ରାକ୍ଟର ଆଦି ବଡ଼ ଗାଡ଼ି ପାର୍କିଂ କରିବା ଯୋଗୁ ଯାତାୟାତରେ ସମସ୍ୟା ଉପୁଜୁଛି। ଫଳରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏ ନେଇ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉଭୟ ବିଏମ୍‌ସି ଓ ଖାରବେଳନଗର ଥାନାକୁ ବାରମ୍ବାର ଜଣାଉଥିଲେ ମଧ୍ୟ କିଛି ସୁଫଳ ମିଳୁନି। ଓଲଟା ଜବରଦଖଲକାରୀ ନାଲି ଆଖି ଦେଖାଇ ପାଟି ଚୁପ୍ କରାଉଛନ୍ତି।

ସ୍ଥାନୀୟ ବାସିନ୍ଦା ବୀରେନ୍ଦ୍ର ମିଶ୍ରଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଛନ୍ତି ଯେ, ବିଏମ୍‌ସିର ଅଣଦେଖା ଯୋଗୁ ଜବରଦଖଲ ବୃଦ୍ଧି ପାଇବା ସହ ବେଆଇନ ବାଲି ଡିପୋ ସଂଖ୍ୟା ୪ରୁ ୨୦ରେ ପହଞ୍ଚିଛି। ବେଆଇନ ପାର୍କିଂ ସଂକୀର୍ଣ୍ଣ କରିଦେଉଛି। ଏଥିଯୋଗୁ ଦୁର୍ଘଟଣା ଘଟିବା ସହ ବାଲି ଉପରେ ଶୋଇବା ପାଇଁ ଆସୁଥିବା ଷଣ୍ଢ, କୁକୁରଙ୍କ ଉତ୍ପାତ ଲୋକଙ୍କୁ ଅଣନିଃଶ୍ୱାସୀ କରିପକାଉଛି। ଅଭିଯୋଗ ସତ୍ତ୍ୱେ ଖାରବେଳ ନଗର ଥାନା ଏହା ଟ୍ରାଫିକ୍ ଓ ବିଏମ୍‌ସିର କାର୍ଯ୍ୟ ବୋଲି କହି ଏଡ଼ାଇ ଦିଆଯାଉଛି। ବିଏମ୍‌ସି ଅତିରିକ୍ତ କମିଶନର ସୁରଥ ମଲ୍ଲିକ କହିଛନ୍ତି, ଅଭିଯୋଗ ସଂକ୍ରାନ୍ତରେ ୩୬ ନଂ.ୱାର୍ଡ ଅଫିସରଙ୍କୁ ରିପୋର୍ଟ ମଗାଯାଇଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୱାର୍ଡ ଅଫିସର ମାନସ ମିଶ୍ର କୁହନ୍ତି, ମୁଁ ନୂଆକରି ଆସିଥିବାରୁ ୱାର୍ଡ ବିଷୟରେ ଭଲ ଭାବରେ ଜାଣି ନାହିଁ। ଛୁଟିରେ ରହିଛି। ଉଚ୍ଚ ଅଧିକାରୀଙ୍କୁ ଜଣାଇ ନିର୍ଦ୍ଦେଶ ଅନୁସାରେ ପଦକ୍ଷେପ ନେବି ବୋଲି ସେ କହିଛନ୍ତି।

### ୨.୪୩ ଲକ୍ଷ ଜରିମାନା ଆଦାୟ

**ବେଆଇନ ଖଣିରେ ଚଢ଼ାଉ**

**ଖୋର୍ଦ୍ଧା ଅଫିସ,୫।୧୧**

ଖୋର୍ଦ୍ଧା ଉପଖଣ୍ଡ ପ୍ରଶାସନ ପକ୍ଷରୁ ବେଆଇନ ଖଣିରେ ଚଢ଼ାଉ କରାଯାଇ ଗତ ୩ଦିନରେ ୮ ଟ୍ରକ୍, ୭ଟ୍ରାକ୍ଟର ଓ ଜେସିବି ଜବତ ହୋଇଛି। ୨ଲକ୍ଷ ୪୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଟାଙ୍ଗୀ ତହସିଲ ପକ୍ଷରୁ ୬ ପଥର ବୋଝେଇ ଟ୍ରକ ଜବତ ସହ ୧ଲକ୍ଷ ଟଙ୍କା ଜରିମାନା, ବାଣପୁର ତହସିଲ ଏକ ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର ଜବତ ସହ ୨୫ହଜାର ଟଙ୍କା ଜରିମାନା ଆଦାୟ କରିଛି। ଖୋର୍ଦ୍ଧା ତହସିଲ ଏକ ଟ୍ରକ ଏବଂ ୩ଟି ଟ୍ରାକ୍ଟର ବୋଝେଇ ମାଙ୍କଡା ପଥର ଜବତ ସହ ୬୩ହଜାର ଟଙ୍କା, ବେଗୁନିଆ ତହସିଲ ଏକ ମାଙ୍କଡା ବୋଝେଇ ଟ୍ରକ ସହ ୩୦ହଜାର ଟଙ୍କା, ଚିଲିକା ତହସିଲ ଏକ ପଥର ବୋଝେଇ ଟ୍ରାକ୍ଟର ଜବତ ସହ ୨୫ହଜାର ଟଙ୍କା, ବୋଲଗଡ ତହସିଲ ୨ଟ୍ରାକ୍ଟର ଓ ଏକ ଜେସିବି ଜବତ କରିଛି।

### କୃଷି ଆଇନକୁ ବିରୋଧ

**ପୁରୀ ଅଫିସ,୫।୧୧**

ନୂତନ କୃଷି ଆଇନ୍‌କୁ ବିରୋଧ କରି ଅଲ୍ ଇଣ୍ଡିଆ କୃଷକ ସଂଘର୍ଷ ସମନ୍ୱୟ ସମିତିର ପୁରୀ ଜିଲା ଶାଖା ପକ୍ଷରୁ ଗୁରୁବାର ଜିଲାପାଳଙ୍କ ଅଫିସ ସମ୍ମୁଖ ରାସ୍ତା ଜାମ୍ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ୱାମୀନାଥନ ରିପୋର୍ଟ କାର୍ଯ୍ୟକାରୀ କରିବା, କୃଷି ବିରୋଧୀ ଆଇନ ପ୍ରତ୍ୟାହାର ଆଦି ଦାବି କରାଯାଇଛି। ଏଥିରେ ତପନ ଉପାଧ୍ୟାୟ, ଅଶୋକ ପ୍ରଧାନ, ଭୀମସେନ ସ୍ୱାଇଁ, ସନାତନ ପାତ୍ର, କିଶାନ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ରାଉତ, ମୋହନ ନାଇଡୁ, ଜଗନ୍ନାଥ ଦେଓ, ଶରତ ରାୟଗୁରୁ, ଟୁନା ନାୟକ ପ୍ରମୁଖ ସାମିଲ ଥିଲେ।

## ମୋ ବସ୍‌କୁ ୨ ବର୍ଷ

**ଆଜି ନିରାଡ଼ୟର ପ୍ରତିଷ୍ଠା ଦିବସ**

**ଭୁବନେଶ୍ୱର, ୫।୧୧ (ବ୍ୟୁରୋ):** 'ମୋ ବସ୍' ସେବାକୁ ଇତି ମଧ୍ୟରେ ଦୁଇବର୍ଷ ପୂରିଛି। ରାଜଧାନୀ ଭୁବନେଶ୍ୱର ସମେତ କଟକ, ଖୋର୍ଦ୍ଧା, ପୁରୀ ଓ କୋଣାର୍କରେ ଯାତ୍ରୀଙ୍କୁ ଭରସାଯୋଗ୍ୟ ସ୍ୱଳ୍ପକାଳୀନ ସେବା ଯୋଗାଇବା ସହ ଲୋକଙ୍କ ଆସ୍ଥା ଭାଜନ ହୋଇପାରିଛି ମୋ ବସ୍। ସ୍ୱଚ୍ଛତା, ସମୟାନୁବର୍ତ୍ତିତା ତଥା ସୁରକ୍ଷିତ ଯାତ୍ରା ପାଇଁ ଲୋକେ ଅଧିକ ଆକର୍ଷିତ ହେଉଛନ୍ତି। ଗତ ଫେବୃୟାରୀରେ ଦୈନିକ ଯାତ୍ରୀ ସଂଖ୍ୟା ୧ଲକ୍ଷ ୩୧ ହଜାର ଅତିକ୍ରମ କରିଥିବାବେଳେ ଗତବର୍ଷ ସର୍ବଭାରତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ମୋ ବସ୍‌କୁ ଏକାଧିକ ପୁରସ୍କାର ମିଳିଥିଲା। ଏପରି କି ଅନ୍ୟ ରାଜ୍ୟଗୁଡ଼ିକର ଯାତ୍ରୀ ପରିବହନ ସେବାକୁ ପଛରେ ପକାଇ ଶୀର୍ଷରେ ପହଞ୍ଚି ପାରିଥିଲା। ହେଲେ କରୋନା ପାଇଁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ଯାତ୍ରୀ ସେବା ଗୁରୁତର ବାଧାପ୍ରାପ୍ତ ହୋଇଥିଲା। ଏବେ ଅନ୍‌ଲକ୍ ପର୍ଯ୍ୟାୟରେ ଦୈନିକ ଯାତ୍ରୀ ସଂଖ୍ୟା ୨୦ରୁ ୨୬ ହଜାର ମଧ୍ୟରେ ରହୁଛି। ପର୍ଯ୍ୟଟନ ଋତୁରେ ମୋ ବସ୍ ଯାତ୍ରୀ ସଂଖ୍ୟା ଆହୁରି ବଢ଼ିଯିବାର ସମ୍ଭାବନା ରହିଛି। କର୍ମଠ କର୍ମଚାରୀଙ୍କ ଦୃଢ ବିଶ୍ୱାସବଳରେ ଏବର୍ଷ ମଧ୍ୟ ପୁଣି ଜାତୀୟ ପୁରସ୍କାର ପାଇବାକୁ ଆଶା ରଖିଛନ୍ତି 'ମୋ ବସ୍' ପରିଚାଳନା ଦାୟିତ୍ୱରେ ଥିବା କ୍ୟାପିଟାଲ ରିଜିଅନ୍ ଟ୍ରାନ୍ସପୋର୍ଟ ଲିମିଟେଡ୍ (କ୍ରୁଟ୍) କର୍ତ୍ତୃପକ୍ଷ।

**ମୋ ସାଇକେଲ୍ : ୨ବର୍ଷରେ ଦୟନୀୟ ସ୍ଥିତି**

ପୂର୍ବରୁ କ୍ରୁଟ୍ ଦ୍ୱାରା ପରିଚାଳିତ 'ମୋ ସାଇକେଲ୍' ସେବା ଶୁକ୍ରବାର ୨ ବର୍ଷରେ ପଦାର୍ପଣ କରିଛି। ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୋ ସାଇକେଲ୍‌କୁ ନିଜ ଅଧୀନକୁ ନେଇଥିଲେ ମଧ୍ୟ ପ୍ରଚାର ପ୍ରସାର ଓ ସଚେତନତା ଅଭାବରୁ ମୋ ସାଇକେଲ ପ୍ରତି ଲୋକେ ଆକର୍ଷିତ ହୋଇପାରୁନାହାନ୍ତି। କେଉଁଠି କେନାଲରେ ତ କେଉଁଠି ଗଛ ଉପରେ, ପୁଣି ରାସ୍ତା କଡ଼ରେ ଦୟନୀୟ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳୁଛି।

## 'ମଲିକା-ଇ-ତାଜ'ରେ ସ୍ନେହାଶ୍ରୀ ପ୍ରଥମ ରନର୍ସ ଅପ୍

**ପୁରୁଣା ଭୁବନେଶ୍ୱର,୫।୧୧(ଡି.ଏନ୍.ଏ.)**



ଅନ୍ୟମାନଙ୍କ ସହ ସ୍ନେହାଶ୍ରୀ(ମଝି)।

ଆଗ୍ରାରେ ଅନୁଷ୍ଠିତ ହୋଇଥିବା ମଲିକା-ଇ-ତାଜ୍ ସିଜନ-୨ ମଡେଲିଂରେ ପ୍ରଥମ ରନର୍ସ ଅପ ଭାବେ ୧୪ବର୍ଷୀୟା ଓଡ଼ିଆ ଝିଅ ପୁରୁଣା ଭୁବନେଶ୍ୱର ଅଞ୍ଚଳର ସ୍ନେହାଶ୍ରୀ ସାହୁ କୃତିତ୍ୱ ଅର୍ଜନ କରିଛନ୍ତି। ଗତ ୧ତାରିଖରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ୍ କଳାକାର ପାରୁଲ ଚୌହାନ ସ୍ନେହାଶ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜସ୍ଥାନ, କାନପୁର, ଆଗ୍ରା, ମହାରାଷ୍ଟ୍ର, ଓଡ଼ିଶାରୁ ୫୦ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସୂଚନାଥାଉ କି, ଚଳିତବର୍ଷ ସ୍ନେହାଶ୍ରୀ ମାଲେସିଆରେ ଅନୁଷ୍ଠିତ ମିସ୍ ଲିଟିଲ କୁଇନ ଅଫ୍ ଦି ର୍‍ୟାମ୍ପ ଇଣ୍ଟରନ୍ୟାଶନାଲ ଗ୍ଲୋବାଲ ୱିନର, ଗ୍ଲୋବାଲ ଆଇକନ ଏବଂ ବେଷ୍ଟ ଇଣ୍ଟରନ୍ୟାଶନାଲ କଷ୍ଟ୍ୟୁମ ଲିଟିଲ କୁଇନ୍ ଅଫ୍ ଦି ର୍‍ୟାମ୍ପ ଇଣ୍ଟରନ୍ୟାଶନାଲ-୨୦୨୦ର ବିଜେତା ହୋଇଥିଲେ।

## ଏସ୍‌ଆଇ ଦିଲୀପ ବେହେରା ନିଲମ୍ବିତ

**କୋଣାର୍କ,୫।୧୧(ଡି.ଏନ୍.ଏ)**

କୋଣାର୍କ ଥାନାର ଏସ୍‌ଆଇ ଦିଲୀପ କୁମାର ବେହେରା ନିଜ କର୍ତ୍ତବ୍ୟ ସମ୍ପାଦନ କରିବାରେ ଅବହେଳା, ଲୋକଙ୍କ ଉପରେ ଜୁଲମ ପ୍ରଦର୍ଶନ ସହ ପୋଲିସ ସେବା ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଚାକିରିରୁ ନିଲମ୍ବିତ ହୋଇଛନ୍ତି। ପୁରୀ ଏସ୍‌ପି ଅଖିଳେଶ୍ୱର ସିଂ ମଙ୍ଗଳବାର ତାଙ୍କୁ ନିଲମ୍ବନ କରିଥିବା କୋଣାର୍କ ଥାନା ପକ୍ଷରୁ ଗୁରୁବାର ସୂଚନା ମିଳିଛି। ଏସ୍‌ଆଇ ବେହେରା ଗତ ଅଗଷ୍ଟ ୨୪ ତାରିଖରେ କୋଣାର୍କର ଜଣେ ବ୍ୟକ୍ତିଙ୍କୁ କୌଣସି କାରଣ ନ ଥାଇ ରାସ୍ତାରୁ ଉଠାଇ ନେଇ ଥାନା ପରିସରରେ ମାଡ଼ ମାରିଥିଲେ। ଏହି ଘଟଣା ସମ୍ପର୍କରେ ବିଭିନ୍ନ ସଂଗଠନ ପକ୍ଷରୁ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଭଳି ଭାବେ କୋଣାର୍କ ତଥା ଆଖପାଖ ଅଞ୍ଚଳରେ ଏସ୍‌ଆଇ ବେହେରା ବିଭିନ୍ନ ସମୟରେ ପୋଲିସ ସେବା ଆଇନର ଉଲ୍ଲଂଘନ କରିବା ଏବଂ ଦବଙ୍ଗଗିରି ପ୍ରଦର୍ଶନ ସମ୍ପର୍କରେ ଏସ୍‌ପିଙ୍କ ନଜରକୁ ଆସିଥିଲା। ଶେଷରେ ଏସ୍‌ପି ତାଙ୍କ ବିରୋଧରେ ଏହି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

## ରକ୍ତାକ୍ତ ଅବସ୍ଥାରେ ଚୋର ସହ ଲଢ଼େଇ

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

**କାବୁ କରି ପୋଲିସ ଜିମାଦେଲେ ମୃତ୍ୟୁଞ୍ଜୟ**

ଜଣେ ଚୋର ସହ ଲଢ଼େଇ କରି ସାହସ ଦେଖାଇଛନ୍ତି ଘର ମାଲିକ ମୃତ୍ୟୁଞ୍ଜୟ ଖଟୁଆ। ଘରେ ପଶି ଚୋରି କରି ପଳାଉଥିବାବେଳେ ଅଭିଯୁକ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଛନ୍ତି। ହେଲେ ଚୋର ଜଣକ ପଥରରେ ତାଙ୍କ ମୁହଁକୁ ଛେଚି ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ୟୁନିଟ-୬ ଦୁର୍ଗାମଣ୍ଡପ ବସ୍ତି ଅଞ୍ଚଳର ଭିକି ଓରଫ ବାପି ଜେନା(୨୦)। କ୍ୟାପିଟାଲ ଥାନା ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏପଟେ ଘଟଣା ପ୍ରଚାରିତ ହୋଇଯିବା ପରେ ମୃତ୍ୟୁଞ୍ଜୟଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟୁଛି। ସାହସିକତା ପାଇଁ ଚାରିଆଡୁ ସାବାସି ମିଳୁଛି।

ସୂଚନା ମୁତାବକ, ମୃତ୍ୟୁଞ୍ଜୟ ୟୁନିଟ୍-୭ ସୂର୍ଯ୍ୟନଗର ଅଞ୍ଚଳରେ ରୁହନ୍ତି। ଗୁରୁବାର ଭୋର୍ ସମୟରେ ଭିକି ତାଙ୍କ ଘରେ ପଶି ଟେବୁଲ ଉପରୁ ମନିପର୍ସ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ଫେରାର ହେବାକୁ ଉଦ୍ୟମ କରୁଥିଲେ। ଶବ୍ଦ ଶୁଣି ମୃତ୍ୟୁଞ୍ଜୟଙ୍କ ନିଦ ଭାଙ୍ଗି ଯିବାରୁ ଘରେ କେହି ପଶିଥିବା ଜାଣି ଉଠି ପଡିବା ସହ ତାଙ୍କୁ ଗୋଡ଼ାଇ ଧରିଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଅଭିଯୁକ୍ତ ଭିକି ଏକ ପଥରରେ ମୃତ୍ୟୁଞ୍ଜୟଙ୍କ ମୁହଁକୁ ପିଟି ଦେଇଥିଲେ। ଫଳରେ ତାଙ୍କର ନାକ ଫାଟିଯିବା ସହ ମୁହଁରେ କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ମୃତ୍ୟୁଞ୍ଜୟ ତାଙ୍କୁ ଛାଡ଼ି ନ ଦେଇ ବଡ଼ ପାଟିକରି ଡାକ ପକାଇଥିଲେ। ପଡୋଶୀମାନେ ଉଠି ଆସିବା ପରେ ସମସ୍ତେ ମିଶି ଅଭିଯୁକ୍ତ ଭିକିଙ୍କୁ କାବୁ କରି ଥାନାକୁ ଖବର ଦେଇଥିଲେ।

## କାର୍ଯ୍ୟକ୍ଷମ ହୋଇପାରୁନି କୃଷକ ବଜାର

**ପୁରୀ ଅଫିସ, ୫।୧୧**



**ଭିତ୍ତିପ୍ରସ୍ତରକୁ ୩ ବର୍ଷ ପୂରିଲା**

ପୁରୀ ସହରରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ତଥା ଗୋଦାମକୁ ସାମଗ୍ରୀ ଆଣି ଆସୁଥିବା ଗାଡ଼ି ପାଇଁ ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟି ହେଉଛି। ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ନାନା ହଇରାଣ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶ୍ରୀକ୍ଷେତ୍ର କୃଷକ ବଜାରର ପରିକଳ୍ପନା କରାଯାଇଥିଲା। ଗୋଟିଏ ଜାଗାରେ ଗୋଦାମ ବ୍ୟବସାୟୀମାନେ ଏକାଠି ହୋଇ ବସିବେ। ସହର ଭିତରେ ଅଯଥା ଗହଳି ହେବନି। ବାହାରୁ ଆସୁଥିବା ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକମାନେ ଟ୍ରାଫିକ ସମସ୍ୟାକୁ ନେଇ ଅତିଷ୍ଠ ହେବେ ନାହିଁ। ହେଲେ ଇତିମଧ୍ୟରେ ୩ ବର୍ଷ ପୂରିଲାଣି, କିନ୍ତୁ ଏ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ର କୃଷକ ବଜାର କାର୍ଯ୍ୟକ୍ଷମ ହୋଇପାରି ନାହିଁ।

ମଙ୍ଗଳାଘାଟ ନିକଟ ସମଙ୍ଗଠାରେ ୨୦୧୭ ନଭେମ୍ବର ୪ରେ କୃଷକ ବଜାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତତ୍କାଳୀନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହାର ଶୁଭ ଦେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୪କୋଟି ଟଙ୍କା ବ୍ୟୟରେ ୨୧ଟି ଗୋଦାମ ଗୃହ ନିର୍ମାଣ ଲାଗି ଲକ୍ଷ୍ୟ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଅଧିକ ଗୋଦାମ ଗୃହ ତିଆରି କରାଯିବାକୁ ସ୍ଥିର ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ମଞ୍ଜୁରୀ ପାଇଥିବା ଗୋଦାମ ଗୃହଗୁଡ଼ିକର କାମ ୬/୭ ମାସ ହେବ ଶେଷ ହୋଇଛି। ବିଦ୍ୟୁତ୍, ପାଣି ସୁବିଧା ବି କରାଯାଇଛି। କିନ୍ତୁ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଭିତ୍ତିପ୍ରସ୍ତର ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ସେତେବେଳେ କହିଥିଲେ, ଏହା ପୁରୀ ବ୍ୟବସାୟର ପେଣ୍ଠସ୍ଥଳ ହେବ। ଏହା ପୂର୍ଣ୍ଣାଙ୍ଗ ହେଲେ ଛୋଟ ବ୍ୟବସାୟୀ ବି ଉପକୃତ ହେବେ। ବିଭିନ୍ନ ସାମଗ୍ରୀ ଆଣି ଆସୁଥିବା ବଡ଼ ଗାଡ଼ିଗୁଡ଼ିକୁ ଆଉ ସହର ଭିତରେ ପଶିବାକୁ ପଡ଼ିବନି କି ଏଥିପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବନି। ହେଲେ ଏହାର ବାସ୍ତବତା ଏବେ ଘୁଞ୍ଚି ଘୁଞ୍ଚି ଯାଉଛି।

ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଯାହା ଅନୁଦାନ ଆସିଥିଲା ସେଥିରେ ୨୧ଟି ଗୋଦାମ ଗୃହ ନିର୍ମାଣ ସରିଛି। ଏଥିପାଇଁ ଆନୁଷଙ୍ଗିକ ସମସ୍ତ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। କିନ୍ତୁ ଏହାର ପାଚେରି ଓ ବେସ୍‌ମେଣ୍ଟ ନିର୍ମାଣ ହୋଇ ନ ଥିବାରୁ କୃଷକ ବଜାର କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଖୁବ୍‌ଶୀଘ୍ର ପାଚେରି ଓ ବେସ୍‌ବେଣ୍ଟ ତିଆରି କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ଅନୁଦାନ ଆସିଲେ ଆହୁରି ୧୭ଟି ଗୋଦାମ ଘର ତିଆରି କରାଯିବ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ: ୭ ଗିରଫ, ଟଙ୍କା ଓ ବାଇକ୍ ଜବତ

**ଭୁବନେଶ୍ୱର,୫।୧୧(ବ୍ୟୁରୋ):** ଖଣ୍ଡଗିରି ଥାନାଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଚଢାଉ କରି ୭ଜଣଙ୍କୁ ଗିରଫ କରିଛି। ଏଥିସହ ଘଟଣାସ୍ଥଳରୁ ୨୫ ହଜାର ଟଙ୍କା ଓ ତାସ ପାଲି ସହ ୨ ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲା ଇଟାମାଟିର ଚନ୍ଦନ ମଲ୍ଲିକ(୩୭), ଖୋର୍ଦ୍ଧା ବାଣପୁରର ଅଭିମନ୍ୟୁ ପାତ୍ର(୫୪), ଡୁମୁଡୁମା ଶୁକବିହାର ରଘୁନାଥନଗରର ସନିଆ ରେଡ୍ଡୀ(୨୯), ରଘୁନାଥନଗରର ରଘୁ ବେହେରା(୩୮), ଶୁଭ ବିହାରର ଅନିଲ ନାୟକ(୨୦), ଗଞ୍ଜାମ ପୋଲସରାର ରମେଶ ଗୌଡ଼ (୪୦) ଓ ହିଞ୍ଜିଳିକାଟୁର ମୁନା ସାହୁ (୨୭)। ସୂଚନା ମୁତାବକ, ବୁଧବାର ଖଣ୍ଡଗିରି ଥାନା ନିକଟ ଶୁକବିହାର ଗୋରଖନାଥ ମଠ ନିକଟରେ ୧୦ରୁ ଅଧିକ ବ୍ୟକ୍ତି ବସି ଜୁଆ ଖେଳୁଥିଲେ। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ୩ଜଣ ଖସି ଯାଇଥିବାବେଳେ ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟଚାଲାଣ କରାଯାଇଛି।

**ସହଯୋଗ ପାଇଁ ପରାମର୍ଶ ଦେଲେ ଜିଲା ଦୌରାଜଜ୍**

**ପୁରୀ ଅଫିସ:** ପୁରୀକୁ ସ୍ୱଚ୍ଛ ଐତିହ୍ୟ ଧାମ ଭାବେ ଗଢିତୋଳିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ୨୦୨୧ ସ୍ୱଚ୍ଛ ସର୍ବେକ୍ଷଣରେ ପୁରୀ ଯେପରି ୧ ନମ୍ବର ସ୍ଥାନରେ ରହିବ ସେଥିପାଇଁ ସହରବାସୀଙ୍କୁ ସଚେତନ କରିବା ଲାଗି ଚାଲିଛି ମୋ ଧାମ, ମୋ ଗର୍ବ ଅଭିଯାନ। ସହରର ପ୍ରତ୍ୟେକ ଗଳିକନ୍ଦିକୁ ସଫେଇ ସହ ପେଣ୍ଟିଂ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ଗୁରୁବାର ଜିଲା ଜଜ୍ କୋର୍ଟ ପରିସରରେ ଜିଲା ଦୌରାଜଜ୍ ବିଦ୍ୟୁତ୍ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଦୌରାଜଜ୍ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ଅଭିଯାନରେ ସାମିଲ ହୋଇ ଏହାକୁ ସହଯୋଗ କରିବା ଲାଗି ପରାମର୍ଶ ଦେଇଥିଲେ।



## ସଂକ୍ଷେପରେ

### ଟ୍ରେନ୍‌ରୁ ପଡ଼ି ମହିଳାଙ୍କ ମୃତ୍ୟୁ

**ବାରଙ୍ଗ,୫।୧୧(ଡି.ଏନ୍.ଏ.):** ବାରଙ୍ଗ ଶ୍ରୀବନ୍ତପୁର ଗ୍ରାମମୁଣ୍ଡ ନିକଟରେ ଟ୍ରେନରୁ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜିଆର୍‌ପି କହିଛି। ମୃତକ ହେଲେ ବିରମହାରାଜପୁର ଥାନା ଅଧୀନ ବାଗବର ଗ୍ରାମର ଜଗନା ପ୍ରଧାନ। ପୋଲିସ ଗୁରୁବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଶ୍ରୀବନ୍ତପୁର ଗ୍ରାମ ମୁଣ୍ଡ ନିକଟ ରେଳ ଧାରଣାକଡ଼ରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ମହିଳା ଜଣକ ଭୁବନେଶ୍ୱରରେ ଜଙ୍ଗଲ ବିଭାଗର ଜଣେ ଅଧିକାରୀଙ୍କ ଘରେ କାମ କରୁଥିଲେ। କିନ୍ତୁ ଗତ କିଛି ଦିନ ହେବ ବିହାରରେ ରହୁଥିବା ଏହି ଅଧିକାରୀଙ୍କ ଝିଅ ଜ୍ୱାଇଁଙ୍କ ପାଖରେ ରହି କାମ କରୁଥିଲେ। ଜଗନା, ଝିଅଜ୍ୱାଇଁ ଓ ଅନ୍ୟ ଦୁଇଜଣ ସଦସ୍ୟଙ୍କ ସହ ପାଟଣା -ପୁରୀ ଏକ୍ସପ୍ରେସ୍‌ର ଏସି ବଗିରେ ବିହାରରୁ ଭୁବନେଶ୍ୱର ଫେରୁଥିଲେ। ବୁଧବାର ରାତିରେ ଏହି ଏକ୍ସପ୍ରେସଟି ବାରଙ୍ଗ ଅତିକ୍ରମ କରିବା ପୂର୍ବରୁ ଶ୍ରୀବନ୍ତପୁର ଗ୍ରାମ ନିକଟରେ ଫାଟକ ପାଖରେ ଛିଡ଼ାହୋଇ ଥିବାବେଳେ ଜଗନ ଖସିପଡ଼ିଥିଲେ।

### ଜଳିଗଲା ୮ବଖରା

**ନିମାପଡ଼ା,୫।୧୧(ଡି.ଏନ୍.ଏ.):** ନିମାପଡ଼ା ବ୍ଲକ ଅନ୍ତର୍ଗତ ଶାଇଁସଶାସନ ପଞ୍ଚାୟତର ତୋରିଆବନ୍ଧ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ନିଆଁଲାଗି ୮ବଖରା ଜଳିଯାଇଛି। ଏଥିରେ ଲକ୍ଷ୍ମୀଧର ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁ, ଶ୍ରୀଧର ସ୍ୱାଇଁ, ଜଳନ୍ଧର ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ ପୂର୍ଣ୍ଣଚନ୍ଦ୍ର ସାହୁ, ନରେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ଘର ଓ ବିଭିନ୍ନ ଆସବାବପତ୍ର ଜଳିଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଚୁଲି ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମିଶ୍ର ଦାବି କରିଛନ୍ତି।

### ଧରାପଡ଼ିଲେ ୮ ଛଦ୍ମବେଶୀ ଆତଙ୍କବାଦୀ

**ଚନ୍ଦ୍ରଭାଗାରେ ସମରାଭ୍ୟାସ**

**କୋଣାର୍କ,୫।୧୧(ଡି.ଏନ୍.ଏ.):** ୮ଜଣ ଛଦ୍ମବେଶୀ ଆତଙ୍କବାଦୀ ସମୁଦ୍ର ପଥରେ ଆସି ସୂର୍ଯ୍ୟମନ୍ଦିରରେ ପ୍ରବେଶ କରି ଆତଙ୍କ ସୃଷ୍ଟି କରିବା ପୂର୍ବରୁ ଚନ୍ଦ୍ରଭାଗା ନୋଳିଆ ବସ୍ତି ନିକଟରୁ ଧରାପଡ଼ିଛନ୍ତି। ଗୁରୁବାର ଚନ୍ଦ୍ରଭାଗା ନିକଟ ନୋଳିଆ ବସ୍ତିରେ ଏକ ବୋଟ ଲାଗିଥିଲା। ସେଥିରେ ୮ଜଣ ଅଚିହ୍ନା ଯୁବକ ଥିଲେ। ପୂର୍ବରୁ ଜଗି ରହିଥିବା ମେରାଇନ ପୋଲିସ ଓ ଟୁରିଷ୍ଟ ପୋଲିସ ଟିମ ସେମାନଙ୍କୁ ଧରିଥିଲେ। ସେମାନଙ୍କଠାରୁ ପରିଚୟ ପତ୍ର ଏବଂ ୨ଟି ନକଲି ବୋମା ମିଳିଥିଲା। ଏହା ଥିଲା ଚନ୍ଦ୍ରଭାଗାରେ ସମରାଭ୍ୟାସ ସାଗର କବଚ। ନାଭାଲା, ଓଡ଼ିଶା ପୋଲିସ ମିଳିତ ସମରାଭ୍ୟାସ ସାଗର କବଚରେ ନାଭାଲ ଟିମ ରେଡ ଫୋର୍ସ ଓ ଓଡ଼ିଶା ପୋଲିସ ବ୍ଲୁ ଫୋର୍ସ ନାମରେ ନାମିତ ହୋଇଥିଲେ। ନାଭାଲା ଟିମର ସତେନ୍ଦ୍ର ଖୁସମା, ସନ୍ଦୀପ ଚୌହାନ, ସୁନୀଲ ଖୁସ୍‌ମା, ହିରା ସିଂ, କେଏଚ ଖୁଣ୍ଟିଆ। ଓଡ୍ରାଫ ଟିମର ଶିବ ପ୍ରସାଦ ପୁହାଣ, ଜିତେନ୍ଦ୍ର ସାହୁ ସମରାଭ୍ୟାସରେ ଥିଲେ।

### ଜେଲ୍ ଗଲେ ଅଭିଯୁକ୍ତ

**ନିମାପଡ଼ା,୫।୧୧(ଡି.ଏନ୍.ଏ.):** ନିମାପଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ସେ ହେଲେ ଗଞ୍ଜାମ ଜିଲା ସଦର ଥାନା ଅଧୀନ ଗୋଠବନ୍ଧ ଗ୍ରାମର ସୁଶାନ୍ତ ଭୂୟାଁ। ଗତ ୨୫ତାରିଖରେ ନାବାଳିକାଙ୍କୁ ସୁଶାନ୍ତ ଅପହରଣ କରିଥିଲେ। ନାବାଳିକାଙ୍କ ବାପା ୨୬ତାରିଖରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୩୬/୨୦ରେ ମାମଲା ରୁଜୁ କରିଥିଲା।

### ମିଲ୍‌ରେ ଭିଜିଲାନ୍ସ ଚଢ଼ାଉ

**ବାଲକାଟୀ,୫।୧୧(ଡି.ଏନ୍.ଏ.):** ବାଲିପାଟଣା ବନ ବିଭାଗ ରେଞ୍ଜ ଅଧୀନ ପିପିଲି ଅଞ୍ଚଳରେ ବେଆଇନ ଚାଲୁଥିବା ୨ କରତକଳ ଓ ଏକ ଫର୍ଣ୍ଣିଚର କାରଖାନା ଉପରେ ଭୁବନେଶ୍ୱର ଭିଜିଲାନ୍ସ ଟିମ ଗୁରୁବାର ଚଢ଼ାଉ କରିଛି। ଏଥିରୁ ଲକ୍ଷାଧିକ ଟଙ୍କାର ବିଭିନ୍ନ ଯନ୍ତାଂଶ ଓ କାଠକୁ ଜବତ କରାଯାଇଛି। ଏ ନେଇ ବନ ବିଭାଗ ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି।

# କାର୍ଯ୍ୟକ୍ଷମ ହୋଇପାରୁନି କୃଷକ ବଜାର

**ପୁରୀ ଅଫିସ, ୫।୧୧**

ପୁରୀ ସହର ଭିତରେ ଥିବା ବଡ଼ ବ୍ୟବସାୟ ପ୍ରତିଷ୍ଠାନ ତଥା ଗୋଦାମକୁ ସାମଗ୍ରୀ ଆଣି ଆସୁଥିବା ଗାଡ଼ି ପାଇଁ ବିଭିନ୍ନ ସମୟରେ ସମସ୍ୟା ହୋଇଥାଏ।

**ଭିତ୍ତିପ୍ରସ୍ତରକୁ ୩ ବର୍ଷ ପୂରିଲା**

ସହରର ସଂକୀର୍ଣ୍ଣ ରାସ୍ତା ପାର୍ଶ୍ୱରେ ଏକାଧିକ ଗୋଦାମ ରହିଛି। ଗୋଦାମକୁ ସାମଗ୍ରୀ ଆଣି ଆସିଥିବା ଗାଡ଼ି ଯଦି ସେହି ରାସ୍ତାରେ ପଶୁଛି ତେବେ ଯାତାୟାତରେ ବାଧା ଉପୁଜୁଛି। ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ଶ୍ରୀକ୍ଷେତ୍ର କୃଷକ ବଜାରର ପରିକଳ୍ପନା କରାଯାଇଥିଲା। ଗୋଟିଏ ଜାଗାରେ ଗୋଦାମ ବ୍ୟବସାୟୀମାନେ ଏକାଠି ହୋଇ ବସିବେ। ସହର ଭିତରେ ଅଯଥା ଗହଳି ହେବନି। ବାହାରୁ ଆସୁଥିବା ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକମାନେ ଟ୍ରାଫିକ ସମସ୍ୟାକୁ ନେଇ ଅତିଷ୍ଠ ହେବେ ନାହିଁ। ହେଲେ ଇତିମଧ୍ୟରେ ୩ ବର୍ଷ ପୂରିଲାଣି, କିନ୍ତୁ ଏ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ର କୃଷକ ବଜାର କାର୍ଯ୍ୟକ୍ଷମ ହୋଇପାରି ନାହିଁ।



ପର୍ଯ୍ୟଟନ ସହର ପୁରୀ। ଏଠାକୁ ଦେଶ ବିଦେଶର ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ଆସୁଛନ୍ତି। ତେବେ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଥିବା ଦୋକାନ ବଜାର ଯୋଗୁ ସେମାନେ ଯା'ଆସ କରିବାରେ ହଇରାଣ ହେଉଛନ୍ତି। ଏପରି କି ବଡ଼ ବଡ଼ ଗୋଦାମକୁ ସାମଗ୍ରୀ ଆଣୁଥିବା ଗାଡ଼ି ସହରରେ ପଶିବା ଲାଗି ନାକେଦମ୍ ହେବାକୁ ପଡୁଛି। ଏହି ସବୁ ସମସ୍ୟାର ସମାଧାନ ପାଇଁ ଶ୍ରୀକ୍ଷେତ୍ର କୃଷକ ବଜାର ପ୍ରତିଷ୍ଠା ଲାଗି ନିଷ୍ପତ୍ତି ହୋଇଥିଲା। ମଙ୍ଗଳାଘାଟ ନିକଟ ସମଙ୍ଗଠାରେ ୨୦୧୭ ନଭେମ୍ବର ୪ରେ କୃଷକ ବଜାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତତ୍କାଳୀନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହାର ଶୁଭ ଦେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୪କୋଟି ଟଙ୍କା ବ୍ୟୟରେ ୨୧ଟି ଗୋଦାମ ଗୃହ ନିର୍ମାଣ ଲାଗି ଲକ୍ଷ୍ୟ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଅଧିକ ଗୋଦାମ ଗୃହ ତିଆରି କରାଯିବାକୁ ସ୍ଥିର ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ମଞ୍ଜୁରୀ ପାଇଥିବା ଗୋଦାମ ଗୃହଗୁଡ଼ିକର କାମ ୬/୭ ମାସ ହେବ ଶେଷ ହୋଇଛି। ବିଦ୍ୟୁତ୍, ପାଣି ସୁବିଧା ବି କରାଯାଇଛି। କିନ୍ତୁ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ସହର ଉପକଣ୍ଠରେ ଏକ ଆଧୁନିକ ବଜାର ପରିକଳ୍ପନା କେବେ ପୂର୍ଣ୍ଣାଙ୍ଗ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଭିତ୍ତିପ୍ରସ୍ତର ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ସେତେବେଳେ କହିଥିଲେ, ଏହା ପୁରୀ ବ୍ୟବସାୟର ପେଣ୍ଠସ୍ଥଳ ହେବ। ଏହା ପୂର୍ଣ୍ଣାଙ୍ଗ ହେଲେ ଛୋଟ ବ୍ୟବସାୟୀ ବି ଉପକୃତ ହେବେ। ବିଭିନ୍ନ ସାମଗ୍ରୀ ଆଣି ଆସୁଥିବା ବଡ଼ ଗାଡ଼ିଗୁଡ଼ିକୁ ଆଉ ସହର ଭିତରେ ପଶିବାକୁ ପଡ଼ିବନି କି ଏଥିପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବନି। ହେଲେ ଏହାର ବାସ୍ତବତା ଏବେ ଘୁଞ୍ଚି ଘୁଞ୍ଚି ଯାଉଛି। ଶିଳାନ୍ୟାସକୁ ୩ ବର୍ଷ ପରେ ବି କୃଷକ ବଜାର ସେବା ମିଳିଲା ନାହିଁ।

ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଯାହା ଅନୁଦାନ ଆସିଥିଲା ସେଥିରେ ୨୧ଟି ଗୋଦାମ ଗୃହ ନିର୍ମାଣ ସରିଛି। ଏଥିପାଇଁ ଆନୁଷଙ୍ଗିକ ସମସ୍ତ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। କିନ୍ତୁ ଏହାର ପାଚେରି ଓ ବେସ୍‌ମେଣ୍ଟ ନିର୍ମାଣ ହୋଇ ନ ଥିବାରୁ କୃଷକ ବଜାର କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଖୁବ୍‌ଶୀଘ୍ର ପାଚେରି ଓ ବେସ୍‌ବେଣ୍ଟ ତିଆରି କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ଅନୁଦାନ ଆସିଲେ ଆହୁରି ୧୭ଟି ଗୋଦାମ ଘର ତିଆରି କରାଯିବ।

## ୧୦ରୁ ଖୋଲିବ ମ୍ୟୁଜିୟମ

**ନୂଆଦିଲ୍ଲୀ, ୫।୧୧(ପିଆଇବି)**

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅନ୍‌ଲକ୍ ୫.୦ ଗାଇଡ୍‌ଲାଇନ ଆଧାରରେ ୧୦ ତାରିଖରୁ ଦେଶରେ ମ୍ୟୁଜିୟମ୍, ଆର୍ଟ ଗ୍ୟାଲେରି ଏବଂ ପ୍ରଦର୍ଶନୀ ଖୋଲିବାକୁ ଯାଉଛି। ଏଥିପାଇଁ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁଓର) ଜାରି ହୋଇଛି। କରୋନା ସଂକ୍ରମଣ ରୋକିବା ଲାଗି ଏଥିରେ ବିଭିନ୍ନ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାକୁ ମ୍ୟୁଜିୟମ, ଆର୍ଟ ଗ୍ୟାଲେରି ଓ ଏକ୍ଜିବିଶନର ପରିଚାଳନା ସଂସ୍ଥା ଓ ଦର୍ଶକଙ୍କୁ ପାଳନ କରିବାକୁ ହେବ। ଏଥିରେ ପରିଷ୍କାର ପରିଚ୍ଛନ୍ନତା, ଦର୍ଶକ ଓ କର୍ମଚାରୀଙ୍କ ନିରାପତ୍ତା ଓ ଟିକେଟ କ୍ରୟ ଉପରେ ମୁଖ୍ୟତଃ ଧ୍ୟାନ ଦିଆଯାଇଛି।

ଏସ୍‌ଓପି ଅନୁଯାୟୀ କଣ୍ଟେନମେଣ୍ଟ ଜୋନ୍ (ଆବଦ୍ଧାଞ୍ଚଳ) ମଧ୍ୟରେ ଥିବା କୌଣସି ମ୍ୟୁଜିୟମ୍ କିମ୍ବା ଆର୍ଟ ଗ୍ୟାଲେରି ଖୋଲିବ ନାହିଁ। ଏଥିସହିତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା କୋଭିଡ୍ ସମ୍ପର୍କିତ ଗାଇଡ୍‌ଲାଇନକୁ ପାଳନ କରିବାକୁ କୁହାଯାଇଛି।

## କାଠ କାରିଗରଙ୍କ ବିକ୍ଷୋଭ

**ପୁରୀ ଅଫିସ, ୫।୧୧**

ବିଭିନ୍ନ ଦାବି ନେଇ ପୁରୀ ଜିଲା କାଠ ଶିଳ୍ପୀ ଓ କାଠ କାରିଗର ସଙ୍ଗଠନ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି। ଏଥିସହ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। କୋଭିଡ୍ ଯୋଗୁ କ୍ଷୁଦ୍ର ଶିଳ୍ପଗୁଡ଼ିକ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। କାଠ କାରିଗର ଓ ଆଲୁମିନିୟମ୍ ଛୋଟ ୟୁନିଟ୍‌ଗୁଡ଼ିକ ଆର୍ଥିକ ମାନ୍ଦାବସ୍ଥା ଯୋଗୁ ମୁହଁମାଡ଼ି ପଡ଼ିଛି। କ୍ଷୁଦ୍ରଶିଳ୍ପ ୟୁନିଟ୍ ପାଇଁ କେନ୍ଦ୍ର ସରକାରଙ୍କ ସହାୟତା ପ୍ରଦାନ କରାଗଲେ କାଠ କାରିଗର ଉପକୃତ ହୋଇପାରନ୍ତେ। ପଞ୍ଜୀକୃତ ହୋଇଥିବା ଶ୍ରମିକଙ୍କୁ କୋଭିଡ୍ ସହାୟତା ଏବଂ ମାସିକ ସର୍ବନିମ୍ନ ୩,୦୦୦ ଟଙ୍କା ପେନ୍‌ସନ ଦେବା ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ସଭାପତି ବିଶ୍ୱନାଥ ମହାରଣା, ସମ୍ପାଦକ ମନୋରଞ୍ଜନ ମହାରଣା, ପବିତ୍ର ଓଝା, ଜନ୍ମେଶ୍ୱର ଓଝା, ସତ୍ୟଜିତ ମହାରଣା, କ୍ଷେତ୍ରବାସୀ ମହାରଣା ଏବଂ ସଙ୍ଗଠନର ଉପଦେଷ୍ଟା ଜଗନ୍ନାଥ ଦେଓ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

# ତୀର୍ଥ ପୁଷ୍କରିଣୀ ପ୍ରତି ଅବହେଳା

- ମୁକୁଳା ପଡ଼ିଛି ପାର୍ବତୀ ସାଗର
- ୩ ବର୍ଷ ବିତିଲାଣି, ତିଆରି ହେଉନି ପାଚେରି

**ପୁରୀ ଅଫିସ,୫।୧୧**

ଶ୍ରୀକ୍ଷେତ୍ରରେ ଏକାଧିକ ତୀର୍ଥ ପୁଷ୍କରିଣୀ ରହିଛି। ମାତ୍ର ଏସବୁର ରକ୍ଷଣାବେକ୍ଷଣ ଦିଗରେ ଉପଯୁକ୍ତ ଧ୍ୟାନ ଦିଆଯାଉ ନାହିଁ। ଫଳରେ ତୀର୍ଥ ପୁଷ୍କରିଣୀଗୁଡ଼ିକର ସ୍ଥିତି ଦୟନୀୟ ହୋଇ ପଡୁଛି। ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା, ମାର୍କଣ୍ଡେୟ ପୁଷ୍କରିଣୀ ଆଦିର ଠିକ୍ ଭାବେ ରକ୍ଷଣାବେକ୍ଷଣ ହେଉନାହିଁ। ପାର୍ବତୀ ସାଗର ପାଚେରି ଭୁଶୁଡ଼ିବା ୩ ବର୍ଷ ହୋଇଗଲାଣି, ହେଲେ ଏ ପର୍ଯ୍ୟନ୍ତ ଏହାକୁ ତିଆରି କରାଯାଉ ନାହିଁ। ପ୍ରାୟ ୧୦୦ ଫୁଟର ପାଚେରି ମୁକୁଳା ପଡ଼ିଛି। ସେହିପରି କାହାର ପାଚେରି ଭାଙ୍ଗିଛି ତ ଆଉ କେଉଁଠି ପାଚେରି ଦୁର୍ବଳ ହୋଇପଡ଼ିଲାଣି। ପାଚେରି ମୁକୁଳା ଯୋଗୁ ଅଳିଆ ଆବର୍ଜନା ଏବଂ ବାହାର ପାଣି ପଶି ତୀର୍ଥ ପୁଷ୍କରିଣୀକୁ ପ୍ରଦୂଷିତ କରୁଛି।

ରାଜ୍ୟର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରକୁ ଲାଗି ରହିଛି ଐତିହ୍ୟ ସମ୍ପନ୍ନ ପାର୍ବତୀ ସାଗର। ସୁଉଚ୍ଚ ପାଚେରି ଦ୍ୱାରା ଏହା ପରିବେଷ୍ଟିତ। ଲୋକନାଥ ମନ୍ଦିରକୁ ଯିବାବେଳେ ଶ୍ରଦ୍ଧାଳୁମାନେ ଏହି ପୁଷ୍କରିଣୀରେ ଗୋଡ଼, ହାତ ଧୋଇ ଯାଇଥାନ୍ତି। ଶ୍ରାବଣ ମାସରେ ବୋଲବମ୍ ଭକ୍ତ ଏଠାରେ ସ୍ନାନ କରିଥାନ୍ତି। ଦୀର୍ଘଦିନ ହେବ ଏହାର ଉତ୍ତରପାର୍ଶ୍ୱ ପାଚେରି ଦୁର୍ବଳ ରହିଥିଲା। ୨୦୧୭ ଅକ୍ଟୋବର ୨୦ରେ ଲଗାଣ ବର୍ଷା ଯୋଗୁ ଉତ୍ତର ପାର୍ଶ୍ୱରେ ପ୍ରାୟ ୧୦୦ ଫୁଟ ପାଚେରି ଭୁଶୁଡ଼ି ପଡ଼ିଥିଲା। ଇତିମଧ୍ୟରେ ତିନିବର୍ଷରୁ ଊର୍ଦ୍ଧ୍ୱ ବିତିଗଲାଣି, ହେଲେ ଏହାକୁ ମରାମତି କରାଯାଇ ନାହିଁ। ଏଥିଯୋଗୁ ଅଳିଆ ଆବର୍ଜନା ଉଡ଼ି ପାର୍ବତୀ ସାଗରରେ ପଡୁଛି। ପାର୍ବତୀ ସାଗର ପାଚେରି ମରାମତି ସମ୍ପର୍କରେ ଲୋକନାଥ ମନ୍ଦିରର ମ୍ୟାନେଜର ଅପର୍ଚ୍ଚ ପରିଡ଼ା କହିଛନ୍ତି, ପାଚେରି ମରାମତି ଲାଗି ଏଷ୍ଟିମେଟ କରାଯାଇଥିବାବେଳେ ମାପଚୁପ ସରିଛି। ଖରାଦିନେ ଏହାର କାମ କରାଯିବ।



ପାର୍ବତୀ ସାଗର ପାଚେରି ଭାଙ୍ଗିଯାଇଛି।

## ୨.୪୩ ଲକ୍ଷ ଜରିମାନା ଆଦାୟ

**ବେଆଇନ ଖଣିରେ ଚଢ଼ାଉ**

**ଖୋର୍ଦ୍ଧା ଅଫିସ,୫।୧୧**

ଖୋର୍ଦ୍ଧା ଉପଖଣ୍ଡ ପ୍ରଶାସନ ପକ୍ଷରୁ ବେଆଇନ ଖଣିରେ ଚଢ଼ାଉ କରାଯାଇ ଗତ ୩ଦିନରେ ୮ ଟ୍ରକ୍, ୭ଟ୍ରାକ୍ଟର ଓ ଜେସିବି ଜବତ ହୋଇଛି। ୨ଲକ୍ଷ ୪୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଟାଙ୍ଗୀ ତହସିଲ ପକ୍ଷରୁ ୬ ପଥର ବୋଝେଇ ଟ୍ରକ ଜବତ ସହ ୧ଲକ୍ଷ ଟଙ୍କା ଜରିମାନା, ବାଣପୁର ତହସିଲ ଏକ ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର ଜବତ ସହ ୨୫ହଜାର ଟଙ୍କା ଜରିମାନା ଆଦାୟ କରିଛି। ଖୋର୍ଦ୍ଧା ତହସିଲ ଏକ ଟ୍ରକ ଏବଂ ୩ଟି ଟ୍ରାକ୍ଟର ବୋଝେଇ ମାଙ୍କଡା ପଥର ଜବତ ସହ ୬୩ହଜାର ଟଙ୍କା, ବେଗୁନିଆ ତହସିଲ ଏକ ମାଙ୍କଡା ବୋଝେଇ ଟ୍ରକ ସହ ୩୦ହଜାର ଟଙ୍କା, ଚିଲିକା ତହସିଲ ଏକ ପଥର ବୋଝେଇ ଟ୍ରାକ୍ଟର ଜବତ ସହ ୨୫ହଜାର ଟଙ୍କା, ବୋଲଗଡ ତହସିଲ ୨ଟ୍ରାକ୍ଟର ଓ ଏକ ଜେସିବି ଜବତ କରିଛି।

## କୃଷି ଆଇନକୁ ବିରୋଧ

**ପୁରୀ ଅଫିସ,୫।୧୧**

ନୂତନ କୃଷି ଆଇନ୍‌କୁ ବିରୋଧ କରି ଅଲ୍ ଇଣ୍ଡିଆ କୃଷକ ସଂଘର୍ଷ ସମନ୍ୱୟ ସମିତିର ପୁରୀ ଜିଲା ଶାଖା ପକ୍ଷରୁ ଗୁରୁବାର ଜିଲାପାଳଙ୍କ ଅଫିସ ସମ୍ମୁଖ ରାସ୍ତା ଜାମ୍ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ୱାମୀନାଥନ ରିପୋର୍ଟ କାର୍ଯ୍ୟକାରୀ କରିବା, କୃଷି ବିରୋଧୀ ଆଇନ ପ୍ରତ୍ୟାହାର ଆଦି ଦାବି କରାଯାଇଛି। ଏଥିରେ ତପନ ଉପାଧ୍ୟାୟ, ଅଶୋକ ପ୍ରଧାନ, ଭୀମସେନ ସ୍ୱାଇଁ, ସନାତନ ପାତ୍ର, କିଶାନ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ରାଉତ, ମୋହନ ନାଇଡୁ, ଜଗନ୍ନାଥ ଦେଓ, ଶରତ ରାୟଗୁରୁ, ଟୁନା ନାୟକ ପ୍ରମୁଖ ସାମିଲ ଥିଲେ।

# ମୋ ବସ୍‌କୁ ୨ ବର୍ଷ

**ଭୁବନେଶ୍ୱର, ୫।୧୧ (ବ୍ୟୁରୋ):** 'ମୋ ବସ୍' ସେବାକୁ ଇତି ମଧ୍ୟରେ ଦୁଇବର୍ଷ ପୂରିଛି। ରାଜଧାନୀ ଭୁବନେଶ୍ୱର ସମେତ କଟକ, ଖୋର୍ଦ୍ଧା, ପୁରୀ ଓ କୋଣାର୍କରେ ଯାତ୍ରୀଙ୍କୁ ଭରସାଯୋଗ୍ୟ ସ୍ୱଳ୍ପକାଳୀନ ସେବା ଯୋଗାଇବା ସହ ଲୋକଙ୍କ ଆସ୍ଥା ଭାଜନ ହୋଇପାରିଛି ମୋ ବସ୍। ସ୍ୱଚ୍ଛତା, ସମୟାନୁବର୍ତ୍ତିତା ତଥା ସୁରକ୍ଷିତ ଯାତ୍ରା ପାଇଁ ଲୋକେ ଅଧିକ ଆକର୍ଷିତ ହେଉଛନ୍ତି। ଗତ ଫେବୃୟାରୀରେ ଦୈନିକ ଯାତ୍ରୀ ସଂଖ୍ୟା ୧ଲକ୍ଷ ୩୧ ହଜାର ଅତିକ୍ରମ କରିଥିବାବେଳେ ଗତବର୍ଷ ସର୍ବଭାରତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ମୋ ବସ୍‌କୁ ଏକାଧିକ ପୁରସ୍କାର ମିଳିଥିଲା। ଏପରି କି ଅନ୍ୟ ରାଜ୍ୟଗୁଡ଼ିକର ଯାତ୍ରୀ ପରିବହନ ସେବାକୁ ପଛରେ ପକାଇ ଶୀର୍ଷରେ ପହଞ୍ଚି ପାରିଥିଲା। ହେଲେ କରୋନା ପାଇଁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ଯାତ୍ରୀ ସେବା ଗୁରୁତର ବାଧାପ୍ରାପ୍ତ ହୋଇଥିଲା। ଏବେ ଅନ୍‌ଲକ୍ ପର୍ଯ୍ୟାୟରେ ଦୈନିକ ଯାତ୍ରୀ ସଂଖ୍ୟା ୨୦ରୁ ୨୬ ହଜାର ମଧ୍ୟରେ ରହୁଛି। ପର୍ଯ୍ୟଟନ ଋତୁରେ ମୋ ବସ୍ ଯାତ୍ରୀ ସଂଖ୍ୟା ଆହୁରି ବଢ଼ିଯିବାର ସମ୍ଭାବନା ରହିଛି। କର୍ମଠ କର୍ମଚାରୀଙ୍କ ଦୃଢ ବିଶ୍ୱାସବଳରେ ଏବର୍ଷ ମଧ୍ୟ ପୁଣି ଜାତୀୟ ପୁରସ୍କାର ପାଇବାକୁ ଆଶା ରଖିଛନ୍ତି 'ମୋ ବସ୍' ପରିଚାଳନା ଦାୟିତ୍ୱରେ ଥିବା କ୍ୟାପିଟାଲ ରିଜିଅନ୍ ଟ୍ରାନ୍ସପୋର୍ଟ ଲିମିଟେଡ୍ (କ୍ରୁଟ୍) କର୍ତ୍ତୃପକ୍ଷ।

**ଆଜି ନିରାଡ଼ମ୍ବର ପ୍ରତିଷ୍ଠା ଦିବସ**

- ଅନ୍‌ଲକ୍ ପରେ ଦୈନିକ ଯାତାୟାତ କରୁଛନ୍ତି ୨୬ ହଜାର ଯାତ୍ରୀ
- ପୁଣି ଜାତୀୟ ସ୍ତରରେ ପୁରସ୍କୃତ ହେବା ସମ୍ଭାବନା

**ମୋ ସାଇକେଲ୍ : ୨ବର୍ଷରେ ଦୟନୀୟ ସ୍ଥିତି**

ପୂର୍ବରୁ କ୍ରୁଟ୍ ଦ୍ୱାରା ପରିଚାଳିତ 'ମୋ ସାଇକେଲ୍' ସେବା ଶୁକ୍ରବାର ୨ ବର୍ଷରେ ପଦାର୍ପଣ କରିଛି। ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୋ ସାଇକେଲ୍‌କୁ ନିଜ ଅଧୀନକୁ ନେଇଥିଲେ ମଧ୍ୟ ପ୍ରଚାର ପ୍ରସାର ଓ ସଚେତନତା ଅଭାବରୁ ମୋ ସାଇକେଲ ପ୍ରତି ଲୋକେ ଆକର୍ଷିତ ହୋଇପାରୁନାହାନ୍ତି। କେଉଁଠି କେନାଲରେ ତ କେଉଁଠି ଗଛ ଉପରେ, ପୁଣି ରାସ୍ତା କଡ଼ରେ ଦୟନୀୟ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳୁଛି।

# 'ମଲିକା-ଇ-ତାଜ'ରେ ସ୍ନେହାଶ୍ରୀ ପ୍ରଥମ ରନର୍ସ ଅପ

**ପୁରୁଣା ଭୁବନେଶ୍ୱର,୫।୧୧(ଡି.ଏନ୍.ଏ.)**

ଆଗ୍ରାରେ ଅନୁଷ୍ଠିତ ହୋଇଥିବା ମଲିକା-ଇ-ତାଜ୍ ସିଜନ-୨ ମଡେଲିଂରେ ପ୍ରଥମ ରନର୍ସ ଅପ ଭାବେ ୧୪ବର୍ଷୀୟା ଓଡ଼ିଆ ଝିଅ ପୁରୁଣା ଭୁବନେଶ୍ୱର ଅଞ୍ଚଳର ସ୍ନେହାଶ୍ରୀ ସାହୁ କୃତିତ୍ୱ ଅର୍ଜନ କରିଛନ୍ତି। ଗତ ୧ତାରିଖରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ୍ କଳାକାର ପାରୁଲ ଚୌହାନ ସ୍ନେହାଶ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜସ୍ଥାନ, କାନପୁର, ଆଗ୍ରା, ମହାରାଷ୍ଟ୍ର, ଓଡ଼ିଶାରୁ ୫୦ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସୂଚନାଥାଉ କି, ଚଳିତବର୍ଷ ସ୍ନେହାଶ୍ରୀ ମାଲେସିଆରେ ଅନୁଷ୍ଠିତ ମିସ୍ ଲିଟିଲ କୁଇନ ଅଫ୍ ଦି ର୍ୟାମ୍ପ ଇଣ୍ଟରନ୍ୟାଶନାଲ ଗ୍ଲୋବାଲ ୱିନର, ଗ୍ଲୋବାଲ ଆଇକନ ଏବଂ ବେଷ୍ଟ ଇଣ୍ଟରନ୍ୟାଶନାଲ କଷ୍ଟ୍ୟୁମ ଲିଟିଲ କୁଇନ୍ ଅଫ୍ ଦି ର୍ୟାମ୍ପ ଇଣ୍ଟରନ୍ୟାଶନାଲ-୨୦୨୦ର ବିଜେତା ହୋଇଥିଲେ।



ଅନ୍ୟମାନଙ୍କ ସହ ସ୍ନେହାଶ୍ରୀ(ମଝି)।

## ଏସ୍‌ଆଇ ଦିଲୀପ ବେହେରା ନିଲମ୍ବିତ

**କୋଣାର୍କ,୫।୧୧(ଡି.ଏନ୍.ଏ)**

କୋଣାର୍କ ଥାନାର ଏସ୍‌ଆଇ ଦିଲୀପ କୁମାର ବେହେରା ନିଜ କର୍ତ୍ତବ୍ୟ ସମ୍ପାଦନ କରିବାରେ ଅବହେଳା, ଲୋକଙ୍କ ଉପରେ ଜୁଲମ ପ୍ରଦର୍ଶନ ସହ ପୋଲିସ ସେବା ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଚାକିରିରୁ ନିଲମ୍ବିତ ହୋଇଛନ୍ତି। ପୁରୀ ଏସ୍‌ପି ଅଖିଳେଶ୍ୱର ସିଂ ମଙ୍ଗଳବାର ତାଙ୍କୁ ନିଲମ୍ବନ କରିଥିବା କୋଣାର୍କ ଥାନା ପକ୍ଷରୁ ଗୁରୁବାର ସୂଚନା ମିଳିଛି। ଏସ୍‌ଆଇ ବେହେରା ଗତ ଅଗଷ୍ଟ ୨୪ ତାରିଖରେ କୋଣାର୍କର ଜଣେ ବ୍ୟକ୍ତିଙ୍କୁ କୌଣସି କାରଣ ନ ଥାଇ ରାସ୍ତାରୁ ଉଠାଇ ନେଇ ଥାନା ପରିସରରେ ମାଡ଼ ମାରିଥିଲେ। ଏହି ଘଟଣା ସମ୍ପର୍କରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଭଳି ଭାବେ କୋଣାର୍କ ତଥା ଆଖପାଖ ଅଞ୍ଚଳରେ ଏସ୍‌ଆଇ ବେହେରା ବିଭିନ୍ନ ସମୟରେ ପୋଲିସ ସେବା ଆଇନର ଉଲ୍ଲଂଘନ କରିବା ଏବଂ ଦବଙ୍ଗଗିରି ପ୍ରଦର୍ଶନ ସମ୍ପର୍କରେ ଏସ୍‌ପିଙ୍କ ନଜରକୁ ଆସିଥିଲା। ଶେଷରେ ଏସ୍‌ପି ତାଙ୍କ ବିରୋଧରେ ଏହି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ ପାଇଁ ବୁଲିବ ସ୍ୱତନ୍ତ୍ର ଗାଡ଼ି

**ପୁରୀ ଅଫିସ,୫।୧୧**

'ମୋ ଧାମ ମୋ ଗର୍ବ' ଅଭିଯାନ ଅଧୀନରେ ଶୁକ୍ରବାରଠାରୁ ଦୁଇଦିନ ଧରି ସ୍ୱଚ୍ଛତା ସମ୍ପର୍କିତ ଶପଥ ନିମନ୍ତେ ଦସ୍ତଖତ ଅଭିଯାନ ଆରମ୍ଭ ହେବ। ଏଥିସହ ଥରେ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ ନିମନ୍ତେ ସ୍ୱଚ୍ଛ ସବାରି ସହ ସ୍ୱତନ୍ତ୍ର ଗାଡ଼ି ବୁଲିବ। ଏଥିରେ ଘରେ ଥିବା ପ୍ଲାଷ୍ଟିକ ଆବର୍ଜନା ଦେବାକୁ ସହରବାସୀଙ୍କୁ ଅନୁରୋଧ କରାଯାଇଛି। ଏ ନେଇ ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଗୁରୁବାର ପୌରସଦନ ପ୍ରେକ୍ଷାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱଚ୍ଛସାଥୀ, ୟୁଥ୍ ଫର୍ ବେଟର ପୁରୀ, ଜାତୀୟ ସେବା ସଂସ୍ଥା ଏବଂ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

ଦସ୍ତଖତ ଅଭିଯାନ ଓ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ ଆଦି କ୍ଷେତ୍ରରେ ୟୁଥ୍ ଫର୍ ବେଟର ପୁରୀର ସ୍ୱେଚ୍ଛସେବୀ ସହଯୋଗ କରିବେ। ସଂଗୃହୀତ ପ୍ଲାଷ୍ଟିକ ଆବର୍ଜନା ଏବଂ ଦସ୍ତଖତ ଅଭିଯାନର କାନ୍‌ଭାସକୁ ନେଇ କଳାକୃତି କରାଯାଇ ସାମୟିକ ଭାବେ ପ୍ରଦର୍ଶନ କରାଯିବ। ସହରର ମୁଖ୍ୟ ସ୍ଥାନ, ଦୋକାନ ବଜାର ଥିବା ଅଞ୍ଚଳ, ରାସ୍ତାକଡ଼ ଦୋକାନୀଙ୍କୁ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ସ୍ୱେଚ୍ଛାସେବୀମାନେ ସହଯୋଗ କରିବା ସହ ବିଭିନ୍ନ ସ୍ଥାନରେ ପ୍ରାଇଡ୍ ଇନ୍ ପ୍ୟୁରିଟି, ପବିତ୍ର ପୁରୀ ଗର୍ବ ଆମରି ଲୋଗୋ ଷ୍ଟିକରିଂ କରିବେ। ବୈଠକରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ ଦାଶ, ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତନୁ ଦାଶ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୃକ୍ଷ ପ୍ରେମରେ ଛାତ୍ର, ଅଧ୍ୟାପକ

**ଖୋର୍ଦ୍ଧା ଅଫିସ,୫।୧୧**

କରୋନା ମହାମାରୀ ଯୋଗୁ ଦୀର୍ଘ ୮ମାସ ଧରି ରାଜ୍ୟର ସମସ୍ତ ସ୍କୁଲ, କଲେଜରେ ପାଠପଢ଼ା ବନ୍ଦ ରହିଛି। କରୋନା ମୁକାବିଲା ଲାଗି ସାମୂହିକ କାର୍ଯ୍ୟ ଉପରେ କଟକଣା ଲଗାଯିବା ସହ ବିନା କାରଣରେ ଘରୁ ନ ବାହାରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ଏହି ସମୟରେ କଲେଜ ପରିସରରେ ଲଗାଯାଇଥିବା ଫୁଲ ଏବଂ ଔଷଧୀୟ ଗଛର ଯତ୍ନ ନେଉଛନ୍ତି ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗୀୟ ମୁଖ୍ୟ ପ୍ରଫେସର ମନୋଜ ରାଉତ ଏବଂ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ବିଶ୍ୱରଞ୍ଜନ ପ୍ରଧାନ। ଉଭୟଙ୍କ ଏହି କାର୍ଯ୍ୟକୁ କଲେଜ ଅଧ୍ୟକ୍ଷ, ପ୍ରଫେସର, ଅଧ୍ୟାପକ ଏବଂ ସ୍ଥାନୀୟ ଲୋକେ ପ୍ରଂଶସା କରିଛନ୍ତି। ପ୍ରକାଶ ଯେ, କରୋନା ଯୋଗୁ ଗତ ମାର୍ଚ୍ଚ ମାସରେ ସରକାର କଲେଜ ବନ୍ଦ ଲାଗି ଘୋଷଣା କରିବା ପରେ କ୍ୟାମ୍ପସ ପରିସରରେ ରହିଥିବା ଗଛର କିପରି ଯତ୍ନ ନିଆଯିବ, ସେନେଇ ପ୍ରଫେସର ରାଉତ ଚିନ୍ତାରେ ପଡିଯାଇଥିଲେ। ଏ ଟ୍ରି ନିଡ୍‌ସ ମାଇଣ୍ଡ ନଟ୍ ମନି(ଗୋଟିଏ ବୃକ୍ଷ ମନ ଚାହେଁ ଅର୍ଥ ନୁହେଁ) ପ୍ରଫେସର ରାଉତଙ୍କ ଏହି ଆହ୍ୱାନକୁ ନୟାଗଡ଼ ଜିଲା ଚମ୍ପାଗଡ଼ ପଞ୍ଚାୟତ ଶ୍ରୀକୃଷ୍ଣପୁର ନିବାସୀ ଛାତ୍ର ବିଶ୍ୱରଞ୍ଜନ ଚାଲେଞ୍ଜ ଭାବେ ଗ୍ରହଣ କରିଥିଲେ। ପରେ ଘର ଭଡ଼ା ନେଇ କ୍ୟାମ୍ପସରେ ଲାଗିଥିବା ଗଛଗୁଡ଼ିକର ଯତ୍ନ ନେଉଛନ୍ତି। ପାଖରେ ସ୍ୱଳ୍ପ ଟଙ୍କା ଥିଲେ ମଧ୍ୟ କ୍ୟାମ୍ପସରେ ସବୁଜ ବଳୟ ଲାଗି ଅଣ୍ଟା ଭିଡିଛନ୍ତି। ସକାଳ ଏବଂ ସନ୍ଧ୍ୟାରେ ଗଛରେ ପାଣି ଦେବା ସହ, ଅନାବନା ଗଛ, ଘାସ ଓପାଡୁଛନ୍ତି। କ୍ୟାମ୍ପସକୁ ଏକ ସୁନ୍ଦର ସବୁଜ ପରିବେଶ ସୃଷ୍ଟି କରିଛନ୍ତି। ଏଥିସହିତ କ୍ୟାମ୍ପସ ଆଗରେ ବୁଲୁଥିବା ଗୋରୁ ଓ ବୁଲା କୁକୁରଙ୍କ ସେବା କରିବାକୁ ମଧ୍ୟ ସେ ଭୁଲି ନାହାନ୍ତି। ତାଙ୍କ ସେବା ଲାଗି ପ୍ରଫେସର ରାଉତ ମଧ୍ୟ ଆଗେଇ ଆସିଛନ୍ତି। କରୋନା ସମୟରେ ଉଭୟ ଗଛଗୁଡିକ ଯତ୍ନ ନେଉଛନ୍ତି। ଘଣ୍ଟା ଘଣ୍ଟା ଧରି ବଗିଚାରେ ସମୟ ଅତିବାହିତ କରୁଛନ୍ତି। ପରିବେଶ ସୁରକ୍ଷା ଲାଗି ବିଶ୍ୱରଞ୍ଜନ ଏବଂ ପ୍ରଫେସର ରାଉତ ଯୁବ ସମାଜ ଲାଗି ପ୍ରେରଣାର ଉତ୍ସ ପାଲଟିଛନ୍ତି।



କଲେଜ କ୍ୟାମ୍ପସ୍‌ରେ ପ୍ରଫେସର ମନୋଜ ରାଉତ ଓ ଛାତ୍ର ବିଶ୍ୱରଞ୍ଜନ ପ୍ରଧାନ।

